# Akashvani, Sambalpur

## SAMBALPURI NEWS EVENING BULLETIN

## 10 September 2026-7.02- 7.12 pm.

---

୧- ଓଡ଼ିଶା ନ ପୁଞ୍ଜିନିବେଶ୍ ସମ୍ପର୍କ ବର୍‌କସ୍ କର୍‌ବାର୍‌କେ ସଂଯୁକ୍ତ ଆରବ୍ ଏମିରେଟ୍ସର ଅନ୍ତର୍ଜାତୀୟ ବିନିଯୋଗ୍ ପରିଷଦ୍‌ର ଅଧ୍ୟକ୍ଷଙ୍କର୍ ସହେତେ ମୁଖ୍ୟମନ୍ତ୍ରୀଙ୍କର୍ ଆଲୋଚନା ।

୨- ରାଏଜେ ଆଏବା ୧୭ ତାରିଖ୍‌ନୁ ମୁଲ୍ ହେବା ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ।

୩- ନୂଆଖାଇ ଆଘୋନୁ ମା ସମଲେଶ୍ୱରୀଙ୍କର୍ ମନ୍ଦିର୍ ନ ପୁହୁଁଚିଲା ସରିଆ ଧାନ୍ ।

ଆଉର୍

୪- ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଇଲାକା ନ ହେଇଛେ ଲଘୁଚାପ୍ କ୍ଷେତ୍ର ।

- ତାର୍ ପ୍ରଭାବ୍‌ଥି କଲାହାଣ୍ଡି ଆଉ କନ୍ଧମାଲ୍ ଜିଲ୍ଲା ନ ଅତି ଜବର୍ ବର୍ଷା ଲାଗି ସତର୍କ କଲା ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ମୁଖ୍ୟମନ୍ତ୍ରୀ-ୟୁଏଇ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସଂଯୁକ୍ତ ଆରବ୍ ଏମିରେଟ୍ସ - ୟୁଏଇ ଗସ୍ତ ଅବ୍‌ସରେ ଆଏଜ୍ ୟୁଏଇ କେବିନେଟ୍ ସଦସ୍ୟ ସହେତେ ଅର୍ଥ ଆର୍ ପର୍ଯ୍ୟଟନ୍ ମନ୍ତ୍ରୀ ଆଉ ଅନ୍ତର୍ଜାତୀୟ ବିନିଯୋଗ୍ ପରିଷଦ୍‌ର ଅଧକ୍ଷ ଅବ୍‌ଦୁଲ୍ଲ ବିନ୍ ତୌକ ଅଲ୍‌ମାରୀଙ୍କର୍ ସଙ୍ଗେ ବୈଠକ୍ କରିଛନ୍ । ମୁଖ୍ୟମନ୍ତ୍ରୀ ଓଡ଼ିଶା ଆଉ ୟୁଏଇ ଭିତ୍‌ରେ ଅର୍ଥନୈତିକ୍ ଆଉ ପୁଞ୍ଜିନିବେଶ୍ ସମ୍ପର୍କକେ ବର୍‌କସ୍ କର୍‌ବାର୍ ବାବ୍‌ଦେ ଆଲୋଚନା କରିଛନ୍ । ଇଥି ରାଏଜେ ନୂଆଁ ପୁଞ୍ଜିନିବେଶ୍ ସୁଯୋଗ୍ ଖୁଜ୍‌ବାର୍ ଉପ୍‌ରେ ଖାସ୍ ଜୋର୍ ଦିଆଯାଇଥିଲା । ଓଡ଼ିଶାର୍ ଅନୁକୂଳ ବାଣିଜ୍ୟ ପରିବେଶ୍ ଶିଳ୍ପନୀତି ଆଉ ପ୍ରମୁଖ୍ କ୍ଷେତ୍ର ମାନ୍‌କେ ପୁଞ୍ଜିନିବେଶ୍ ସମ୍ଭାବନାକେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ୍ କର୍‌ବାର୍ ସହେତେ ୟୁଏଇର ନିବେଶକ୍‌ମାନ୍‌କୁ ରାଏଜେ ପୁଞ୍ଜିନିବେଶ୍ କର୍‌ବାର୍‌କେ ନିଉତା ଦେଇଛନ୍ । ଦୁବାଇ ଠାନେ ଆୟୋଜିତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ସହେତେ ଗୋଲ୍‌ଟେବୁଲ୍ ବୈଠକ୍ ଆଲୋଚନାଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ଓଡ଼ିଶାର୍ ପ୍ରାକୃତିକ୍ ସମ୍ପଦ୍, ଶକ୍ତିଶାଳୀ ଶିଳ୍ପ ଭିତିଭୂମି

ଆଉ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଲାଗି ରହିଥିବା ବ୍ୟାପକ୍ ସୁଯୋଗ୍ ବାବ୍‌ଦେ କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀଙ୍କର୍ ପ୍ରସ୍ତୁତି ଆଉ ଆଲୋଚନା ଉତ୍‌ରୁ ଅଂଶଗ୍ରହଣ୍‌କାରୀ କମ୍ପାନୀ ମାନେ ଓଡ଼ିଶା ନ ନିବେଶ୍ ସୁଯୋଗ୍ ଲାଗି ଗଭୀର୍ ଆଗ୍ରହ ପ୍ରକାଶ୍ କର୍‌ବାର୍ ସହେତେ ରାଏଜେ ନିବେଶ୍‌ର ସମ୍ଭାବନା ଅନୁଧ୍ୟାନ୍ କର୍‌ବେ ବଲି କହିଛନ୍ ।

ଗଲାକାଏଲ୍ ଆଇ.ଏଚ୍.ସି. କମ୍ପାନୀ ସହେତେ ଭିନ୍ ଭିନ୍ କ୍ଷେତ୍ରଥି ୧୪ ଟା ରାଜିନାମା ହେଇଥିବାର୍ ବେଲେ ଇଟା ରାଜ୍ୟ ଲାଗି ବହୁତ୍ ଉପଯୋଗୀ ହେବା ବଲି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍ ।

(ଭଏସ୍ ଓଭର୍- ଅନୁ ଗର୍ଗ)

ସ୍ୱଚ୍ଛତା ହିଁ ସେବା ଅଭିଯାନ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଆଏବା ୧୭ ତାରିଖ୍‌ନୁ ଅକ୍ଟୋବର୍ ୨ ତାରିଖ୍‌ତକ୍ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ପାଲନ୍ କରାଯିବା । ସମାଜ୍‌ର ସବୁ

ବର୍ଗର୍ ଲୁକ୍‌କୁ ଇଥି ଭାଗ୍ ନେବାର୍ ଲାଗି ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଲୁକ୍‌କର୍ ସକ୍ରିୟ ଭାଗିଦାରୀ, ସ୍ୱଚ୍ଛତା ଆଉ ପରିମଳ, ସଫେଇ କର୍ମଚାରୀମାନ୍‌କର୍ ସୁରକ୍ଷା ଆଉ ସମ୍ମାନ୍ ଆର୍ ସ୍ଥାୟୀ ସହରୀ ଜୀବନ୍ ଯାତ୍ରାକେ ଇ ଅଭିଯାନ୍‌ଥି ପ୍ରାଥମିକତା ଦିଆଯିବା । ସ୍ୱଚ୍ଛତା ହିଁ ସେବା ୨୦୨୬ ପାଲନ୍ ବାବ୍‌ଦେ ଆଏଜ୍ କେନ୍ଦ୍ର ଗୃହ ନିର୍ମାଣ୍ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରୀ ମନୋହର୍ ଲାଲ୍ ଖଟ୍ଟର୍‌ଙ୍କର୍ ଅଧ୍ୟକ୍ଷତାଥି ଆଭାସୀ ଜରିଏ ଗୁଟେ ବୈଠକ୍ ହେଇଛେ । ବୈଠକ୍‌ଥି ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଡକ୍ଟର୍ ମହାପାତ୍ର କହିଛନ୍, ସ୍ୱଚ୍ଛତା ହିଁ ସେବା ଲାଗି ଓଡ଼ିଶାର୍ ପ୍ରସ୍ତୁତି ଶେଷ୍ ହେଇଛେ ଆଉ କେନ୍ଦ୍ରର୍ ସବୁ ମାର୍ଗଦର୍ଶିକାକେ ରାଏଜେ କାର୍ଯ୍ୟକାରୀ କରାଯିବା । ଇ ଅବ୍‌ସରେ ଓଡ଼ିଶା ନ ୧ କୋଟି ଦୀପ୍ ଜଲାଯିବାର୍ ଭିଲ୍ ଯୋଜ୍‌ନା କରାଯାଇଛେ । ଯେନ୍‌ଥି ଫି’ ଜିଲ୍ଲାର୍ ସବୁ ପରିବାର୍‌କେ ସାମିଲ୍ କରାଯିବା । ଅକ୍ଟୋବର୍ ୧ ତାରିଖ୍ ଏକ୍ ଦିନ୍ -ଏକ୍ ଘଂଟା -ଏକ୍ ସାଥ୍ ଶ୍ରମଦାନ୍ ଆଉ ଅକ୍ଟୋବର୍ ୨ ତାରିଖ୍‌ଥି ସ୍ୱଚ୍ଛ ଭାରତ୍ ଦିବସ୍ ସହେତେ ଇ ଅଭିଯାନ୍ ଶେଷ୍ ହେବା ।

ନୂଆଖାଇ- ନୂଆଧାନ୍            ସମ୍ବଲପୁର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ମହାନ୍ କୃଷିଭିତିକ ଗଣପର୍ବ ନୂଆଖାଇ ଆଏବା **୧୫** ତାରିଖ୍ ଦିନ ହେବା ବଲି ଲଗନ୍ ଧାରିଜ୍ ହେଇଥିବାର୍ ବେଲେ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ପୀଠ ନ ସଖାଲର୍ ୯ ବାଜିକରି ୪୦ ମିନିଟ୍ ନୁ ୯ ବାଜିକରି ୫୪ ମିନିଟ୍ ଭିତ୍ରେ ନବାନ୍ନ ଲାଗି କରାଯିବା । ଇଥିର୍‌ଲାଗି ମା ସମଲେଶ୍ୱରୀଙ୍କର୍ ମନ୍ଦିର୍‌କେ ଆଏଜ୍ ସରିଆ ଧାନ୍ ପୁହୁଁଚିଛେ । ବଲ୍‌ବସ୍‌ପୁର୍‌ର ଚାଷୀ ସୁବାସ ବେହେରା ୬୦ ଦିନେ ଅମଲ୍ ହେଉଥିବା ସରିଆ ଧାନ୍‌କେ ଖେତେ ପୂଜା କରିକରି କାଟ୍‌ଲା ଉତ୍‌ରୁ ମନ୍ଦିର୍‌କେ ଆନିକରି ମୁଖ୍ୟ ପୂଜକଙ୍କୁ ଅର୍ପଣ୍ କରିଛନ୍ । ବହୁତ୍ ବଛର୍ ହେଲା ବର୍ଷର୍ ପହେଲା ଧାନ୍ ମା ସମଲେଶ୍ୱରୀଙ୍କୁ ସେ ଅର୍ପଣ୍ କରି ଆସୁଛନ୍ । ଇ ବାବ୍‌ଦେ ସମଲେଶ୍ୱରୀ ମନ୍ଦିର୍ ମୁଖ୍ୟ ପୂଜକ ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍ ।
(ଭଏସ୍ ଓଭର୍- ମୁଖ୍ୟ ପୂଜକ)

ଯୁବ ନେତୃତ୍ୱ ସଂଳାପ            ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଯୁବପିଢ଼ିଙ୍କର୍ ନେତୃତ୍ୱ ସୃଜନଶୀଳତା, ଆଉ ନବସୃଜନ୍‌କେ ଜାତୀୟସ୍ତର୍ ନ ନୂଆଁ ପରିଚୟ ଦେବାର୍ ଉଦ୍ଦେଶ୍ୟଥି ବିକଶିତ ଭାରତ୍ ଯୁବ ନେତୃତ୍ୱ ସଂଳାପ ୨୦୨୭ ର ଶୁଭାରମ୍ଭ ହେଇଛେ । କେନ୍ଦ୍ର ଯୁବ ବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ୍‌ଥି ଥିବା ମାଇଁ ଭାରତ୍ ତର୍‌ଫୁ କାର୍ଯ୍ୟକାରୀ ହଉଥିବା ଇ ଅଭିଯାନ୍ ଜରିଏ ଯୁବକ୍‌ମାନ୍‌କୁ ବିକଶିତ୍ ଭାରତ୍ -୨୦୪୭ ଲକ୍ଷ୍ୟ ଲାଗି ନିଜର୍ ଚିନ୍ତାଧାରା ଆଉ ଅବଦାନ୍ ଉପସ୍ଥାପନ୍ କର୍‌ବାର୍ ସୁଯୋଗ୍ ମିଲ୍‌ବା । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍, ଇ ସଂଳାପ ହେଉଛେ ରାଜ୍ୟ ଆଉ ଦେଶର୍ ଭବିଷ୍ୟତ୍ ଯୁବନେତା ମାନ୍‌କର୍ ଲାଗି ଖେଲ୍‌ପଡ଼ିଆନୁ ସଂସଦ୍ ଆଉ ଶ୍ରେଣୀଗୃହନୁ ବୋର୍ଡ଼୍‌ରୁମ୍‌ତକ୍ ପହଁଚିବାର୍ ଗୁଟେ ଦକ୍ଷ ମଂଚ ଆଏ । ଇ ଅଭିଯାନ୍‌କେ ଅଏତ୍‌କା ସଫଲ୍ କର୍‌ବାର୍ ଲାଗି କ୍ରୀଡ଼ା ଆଉ ଯୁବସେବା ବିଭାଗ୍- ମାଇ ଭାରତ୍ ଆଉ ଏନ୍‌ଏସ୍‌ଏସ୍ ସହେତେ ସହବନ୍ଧିତା କରୁଛେ । ପହେଲା ଖେପ୍ ବିକଶିତ୍ ଭାରତ୍ କ୍ୱିଜ୍ ପ୍ରତିଯୋଗିତା ଆଏବା ୩୦ ତାରିଖ୍ ତକ୍ ଚାଲ୍‌ବା । କୃତି ଯୁବକ୍‌ମାନେ ୫ ଶହ ଶବ୍ଦର ନିବନ୍ଧ ପ୍ରତିଯେଗୀତାଥି ଭାଗ୍ ନେବେ । ପଛେ ଜିଲ୍ଲା ଆଉ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବା । କାର୍ଯ୍ୟକ୍ରମ୍‌ଥି ବିକଶିତ୍ ଭାରତ୍ ଚେଲେଞ୍ଜ୍,

କଲ୍ଚରାଲ୍ ଟ୍ରାକ୍, ଡିଜାଇନ୍ ଫର୍ ଭାରତ୍, ହ୍ୟାକ୍ ଫର୍ ସୋସିଆଲ୍ କଜ୍, ୟୁଥ୍ ଏଂଟରପ୍ରିନରସିପ ଚେଲେଞ୍ଜ ଆଉ ୟୁଥ୍ ପାର୍ଲ୍ୟାମେଂଟ୍ ବାଗିର୍ ୬ ଟା ଗୁରୁତ୍ୱପୂର୍ଣ୍ଣ ବିଷେ ରହିଛେ ।

ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ   ଆର୍ଏନ୍ୟୁ/ ସମ୍ବଲପୁର

ଆତ୍ମହତ୍ୟା ବାଗିର୍ କଠୋର୍ ନିଷ୍ପତି ନେବାର୍‌ନୁ ଲୁକ୍‌କୁ ଦୂରେ ରଖିବାର୍ ଲାଗି ଆଏଜ୍ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ୍ ପାଲନ୍ କରାଯାଉଛେ । ଆତ୍ମହତ୍ୟା ରୁକ୍‌ବାର୍ ଆଉ ଇ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୦୩ ମସିହାନୁ ମିଳିତ ଜାତିସଂଘ ତର୍ଫୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଆତ୍ମହତ୍ୟା ନିବାରଣ୍ ଦିବସ୍‌ର ବିଷୟବସ୍ତୁ ରହିଛେ 'ଆତ୍ମହତ୍ୟାର୍ ବର୍ଣ୍ଣନା ପରିବର୍ତନ୍ କର୍‌ବାର୍' । ଦୁଇ ବଛର୍ ହେଲା ଇ ବିଷେର୍ ଉପ୍‌ରେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆଉ ଅନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ତର୍ଫୁ ୩ ବଛର୍ ଲାଗି ଇ ଅଭିଯାନ୍ ଚାଲିଛେ ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍, ଆତ୍ମହତ୍ୟା ସମାଧାନ୍ ନୁହେଁସେ, ନିରାଶାଥି ଥିବା ଲୁକ୍‌କୁ ଆଶାର୍ ହାତ୍ ବଢ଼ାବାର୍ ସହେତେ ସେମାନ୍‌କର୍ କଥା ଶୁନ୍‌ବାର୍ ଆଉ ଜୀବନ୍‌କେ ଆଉ ଗୁଟେ ସୁଯୋଗ୍ ଦେବାର୍ ଲାଗି ସଚେତନ୍ କର୍‌ବାର୍ ଆବଶ୍ୟକତା ରହିଛେ । ଆଇନ୍ ଆଉ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ତାଙ୍କର୍ ବାର୍ତାଥି କହିଛନ୍, ଦୃଢ଼ ମାନସିକ୍ ସଚେତନତା, ସହଜ୍‌ଥି ମିଲିପାରୁଥିବା ସାହାଜ୍ ବ୍ୟବସ୍ଥା ଆଉ ସମ୍ବେଦନ୍‌ଶୀଲ୍ ସହଯୋଗ୍ ଜରିଏ ନିରାଶାର୍ ସମିଆଥି ଅଲ୍‌ଗାମାନ୍‌କୁ ସାହାଜ୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍ ଦର୍‌କାର୍ ।

ଜନକଲ୍ୟାଣ୍‌କାରୀ ଯୋଜ୍‌ନା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାକେ ଦକ୍ଷେତା ବିକାଶ୍ ଆଉ ବୈଷୟିକ୍ ଶିକ୍ଷା ବିଭାଗ୍ ଆଉର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର କମିଶନର୍ ଭୂପିନ୍ଦର୍ ସିଂ ପୁନିଆ ୩ ଦିନିଆ ଗସ୍ତଥି ଆସିକରି ଜିଲ୍ଲାର୍ ଭିନ୍ ଭିନ୍ ବିକାଶ୍‌ମୂଲକ୍ ଆଉ ଜନକଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କର୍ ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍‌ଥି

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା, ଶିକ୍ଷା, ଗୃହ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ୍ ସମବାୟ ବାଗିର୍ ବିଭାଗ୍ ମାନ୍‌କେ କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ଯୋଜ୍‌ନାର୍ ସମୀକ୍ଷା କରାଯାଇଛେ ।

ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ମହିଳାମାନ୍‌କୁ ଘରୋଇ ହିଂସାନୁ ସୁରକ୍ଷା ଦେବାର୍, ସେମାନ୍‌କର୍ ଅଧିକାର୍ ବାବ୍‌ଦେ ସଚେତନ କର୍‌ବାର୍ ଆଉ ଆଇନ୍‌ଗତ ସାହାଜ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଉପଜିଲ୍ଲାପାଲ୍ ଆଉ ଅଲ୍‌ଗା ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇକରି ମହିଳାମାନ୍‌କର୍ ବିରୋଧିଥି ହେଉଥିବା ଘରୋଇ ହିଂସା ବନ୍ଦ୍ କର୍‌ବାର୍, ପିଡ଼ିତାମାନ୍‌କୁ ଦର୍‌କାରୀ ସୁରକ୍ଷା ଆଉ ସାହାଜ୍ ଦେବାର୍ ଆଉ ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ବଢ଼ାବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା ।

ସମୀକ୍ଷା ବୈଠକ୍- ନୂଆପଡ଼ା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ମିଶନ୍ ଶକ୍ତି ଆଉ ଓଡ଼ିଶା ଜୀବିକା ମିଶନ୍ ଅଧୀନ୍ଥି କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ଯୋଜ୍ନା ଆଉ ଜୀବିକା ବାବଦ୍ କାର୍ଯ୍ୟକ୍ରମ୍ ମାନ୍କର୍ ସମୀକ୍ଷା କରାଯାଇଛେ । ବୈଠକ୍ଥି ମିଶନ୍ ଶକ୍ତି ଆଉ ଓଡ଼ିଶା ଜୀବିକା ମିଶନ୍ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍ର ବ୍ଲକ୍ ଭିତିକ୍ ଅଗ୍ରଗତି, ସ୍ୱୟଂସହାୟକ୍ ଗୋଷ୍ଠୀମାନ୍କୁ ବର୍କସ୍ କର୍ବାର୍ ଲାଗି ପ୍ରବାସୀ ଶ୍ରମିକ୍ମାନ୍କର୍ ଲାଗି ଜୀବିକା ସୁଯୋଗ୍ ତିଆର୍ ବାବ୍ଦେ ସମୀକ୍ଷା କରାଯାଇଥିଲା ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍ସାଗର୍ ଆଉ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍

ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏବା ୨୪ ଘଂଟା ଭିତ୍‌ରେ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି କଲାହାଣ୍ଡି ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍‌ସହେତେ ୨୭ ଟା ଜିଲ୍ଲାକେ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।